# କଟକ ସିଟି



## ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଢେଲାମାଡ଼: ଜଣେ ଗିରଫ

**କଟକ,୩।୬(ସମିସ):** ପୁରୀରୁ କଲକାତା ଅଭିମୁଖେ ଯାଉଥିବା 'ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍'କୁ ଢ଼େଲାମାଡ଼ କରିବା ନେଇ ଜଣେ ଟ୍ରକ୍ ଚାଳକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏହି ଘଟଣାରେ କଟକ ଆରପିଏଫ(ରେଳବାଇ ସୁରକ୍ଷାବଳ) ସଂପୃକ୍ତ ଅଭିଯୁକ୍ତ ତଥା ଜଗତପୁର ଗୋଲେଇ ଛକ ନିକଟରେ ରହୁଥିବା ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳର ପ୍ରବୀଣ କୁମାର ସାହୁ(୪୮)କୁ ଗିରଫ କରିବାରେ ସମର୍ଥ ହୋଇଛି। ଜେରା ପରେ ଅପରାହ୍ଣରେ ତାକୁ କୋର୍ଟଚାଲାଣ କରାଯାଇଥିବା ଆରପିଏଫ ଅଧିକାରୀ ଅନିଲ ସିଂ ସୂଚନା ଦେଇଛନ୍ତି।

ଆରପିଏଫ୍ ସ୍କ୍ୱାଡ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରବିବାର ଅପରାହ୍ଣ ପ୍ରାୟ ସାଢେ ୩ଟା ସମୟରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ କଟକ ଷ୍ଟେସନ ଛାଡିବା ପରେ ଶିଖରପୁର ଦେଇ ମହାନଦୀ ରେଳବ୍ରିଜରେ ଯାଉଥିଲା। ଏହି ସମୟରେ କେହି ଦୁର୍ବୃତ୍ତ ଟ୍ରେନ ଉପରକୁ ଅତର୍କିତ ଭାବେ ଢେଲାମାଡ କରିଥିଲା। ଫଳରେ ଟ୍ରେନର ଏସି କୋଚ ନଂ ସି-୧ର କାଚ ଭାଙ୍ଗି ଚୁରମାର ହୋଇଯାଇଥିଲା। ଏପରିକି ଏଥିରେ ଜଣେ ଯାତ୍ରୀ ମଧ୍ୟ ଆହତ ହୋଇଥିଲେ। ଘଟଣା ସଂପର୍କରେ ତୁରନ୍ତ ଟ୍ରେନର ଚାଳକଙ୍କୁ ଅବଗତ କରାଯିବା ପରେ ସେ ଆରପିଏଫଙ୍କୁ ଜଣାଇଥିଲେ। ସୂଚନା ପାଇ ଆରପିଏଫ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲା। ଟିମ୍‌କୁ ଦେଖି ଅଭିଯୁକ୍ତଜଣକ ସେଠାରୁ ଖସିଯିବା ଲାଗି ରେଳ ବ୍ରିଜ ଉପରେ ଚଢିଯାଇ ଦୌଡିବାରେ ଲାଗିଥିଲା। ଏହାକୁ ଦେଖି ଆରପିଏଫ ଟିମ୍ ତା'ର ପିଛାକରି ତାକୁ କାବୁ କରିନେବାରେ ସକ୍ଷମ ହୋଇଥିଲା। ଯାଞ୍ଚ ବେଳେ ଅଭିଯୁକ୍ତ ପ୍ରବୀଣ ପ୍ରଚୁର ଗଞ୍ଜେଇ ସେବନ କରି ନିଶାଶକ୍ତ ଅବସ୍ଥାରେ ଥିବା ଜଣାପଡିଲା। ତାକୁ ଆରପିଏଫ ପୋଷ୍ଟକୁ ଅଣାଯାଇ ପଚରାଉଚରା କରାଯିବା ପରେ ସେ ଜଣେ ଟ୍ରକ୍ ଚାଳକ ହୋଇଥିବା ଜଣାପଡିଥିଲା। ନିଶାସକ୍ତ ଅବସ୍ଥାରେ ସେ ଢେଲା ମାଡ କରିଥିବା ନେଇ ସେ ସ୍ୱିକାର କରିଥିଲା।

## ଡ. ପ୍ରାଣକୃଷ୍ଣ ପରିଜାଙ୍କ ଶ୍ରାଦ୍ଧ ଦିବସ

**କଟକ,୩।୬(ସମିସ):** ଡ଼ ପ୍ରାଣକୃଷ୍ଣ ପରିଜା ଗବେଷଣା ଅଧ୍ୟାପନା ଓ ସାମାଜିକ ଜୀବନରେ ବହୁ କ୍ଷେତ୍ରରେ ନେତୃତ୍ୱ ନେବାରେ ଅଦ୍ୱିତୀୟ ବ୍ୟକ୍ତିତ୍ୱ ଥିଲେ ବୋଲି ବନ୍ଦେ ଉତ୍କଳ ପକ୍ଷରୁ ଆଜି ସନ୍ଧ୍ୟାରେ ବଙ୍ଗାଳି ସାହି ସ୍ଥିତ ମା' ଶାରଳା ସଦନ ଠାରେ ପ୍ରଖ୍ୟାତ ବୈଜ୍ଞାନିକ ଡ଼ ପ୍ରାଣକୃଷ୍ଣ ପରିଜାଙ୍କ ୪୬ତମ ଶ୍ରାଦ୍ଧ ଦିବସରେ ବହୁ ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ବିଚିତ୍ରାନନ୍ଦ ମିଶ୍ରଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ସାହିତ୍ୟିକ ଡ଼ ଗୋବିନ୍ଦ ଭୂୟାଁ, ପ୍ରଫେସର



ଡ଼ ସୁଦର୍ଶନ ପଟ୍ଟନାୟକ, କଟକ ବାର ଆସୋସିଏସନ ସାଧାରଣ ସମ୍ପାଦକ ଅଶୋକ କୁମାର ଜେନା, ଆଇନଜୀବୀ ସରୋଜ କୁମାର ସାହୁ, ରାଜ ନାରାୟଣ ପଟ୍ଟନାୟକ, ଆଦ୍ୟାଶକ୍ତି ପ୍ରିୟା, ଅଂଶୁମାନ ଦାସ, ଓଡ଼ିଆ ଯୁବ ଲେଖକ ସମ୍ମିଳନୀର ପୂର୍ବତନ ସଭାପତି ରମେଶ ଭୂୟାଁ, ଉତ୍କଳ ପାଠକ ସାଂସଦର ସମ୍ପାଦକ ସୁବ୍ରତ ପ୍ରିୟବ୍ରତ ମହାନ୍ତି, ଭୁବନାନନ୍ଦ ମହାନ୍ତି, ଇଂ ପ୍ରମୋଦ ଚନ୍ଦ୍ର ମହାନ୍ତି, କାଶୀନାଥ ସ୍ୱାଇଁ, ଶ୍ରୀଧର ସାହୁ ପ୍ରମୁଖ ଡ଼ ପରିଜାଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପକ ଡ଼ ଜୟନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଆଇନଜୀବୀ ବ୍ରଜ ଭୂଷଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାପତି ଶ୍ରୀ ଦାସ ଡ଼ ପରିଜାଙ୍କୁ ଓଡିଶାର ଶିକ୍ଷାଗୁରୁ ଭାବେ ବର୍ଣ୍ଣନା କରିଥିଲେ।

# ରକ୍ତ ସଙ୍କଟ; ରୋଗୀ ହନ୍ତସନ୍ତ



**କଟକ,୩।୬(ସମିସ)**

- ଥାଲାସେମିଆ ରୋଗୀ ବି ହଇରାଣ
- ଆବଶ୍ୟକ ସତ୍ତ୍ୱେ ଦିଆଯାଉନି ଦୁଇ ୟୁନିଟ ରକ୍ତ
- ରକ୍ତ ଭଣ୍ଡାରରେ ଧାରଣା ଦେଲେ ରୋଗୀ ସମ୍ପର୍କୀୟ

କିଛି ଦିନ ହେବ ରକ୍ତ ସଙ୍କଟ ଦେଖାଦେଇଛି। କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ହେଉ କି ଏସ୍‌ସିବି ମେଡିକାଲ ରକ୍ତ ଭଣ୍ଡାର, କେଉଁ ଠାରେ ପର୍ଯ୍ୟାପ୍ତ ପରିମାଣରେ ରକ୍ତ ୟୁନିଟ ଗଚ୍ଛିତ ରହିନାହିଁ। ଯଦ୍ୱାରା ରୋଗୀ ନାହିଁ ନଥିବା ସମସ୍ୟାରେ ପଡିଲେଣି। ଏପରିକି ଥାଲାସେମିଆ ରୋଗୀ ବି ଗୋଟିଏ ରକ୍ତ ୟୁନିଟ ପାଇବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହୁଛନ୍ତି। ଗ୍ରୀଷ୍ମ ପ୍ରବାହ ଓ ନିର୍ବାଚନୀ ମାହୋଲ ଯୋଗୁଁ ଏଭଳି ରକ୍ତାଭାବ ପରିସ୍ଥିତି ଉପୁଜିଛି ବୋଲି ରକ୍ତ ଭଣ୍ଡାର କର୍ମଚାରୀ କହିଛନ୍ତି। ଏହି ସମସ୍ୟାକୁ ନେଇ ଆଜି କିଛି ରୋଗୀ ସମ୍ପର୍କୀୟ ଏସ୍‌ସିବି ରକ୍ତ ଭଣ୍ଡାର ସମ୍ମୁଖରେ ଧାରଣା ଦେଇଥିଲେ। ଏସ୍‌ସିବି ଅଧୀକ୍ଷକଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏଭଳି ସମସ୍ୟା ବାବଦରେ ଏସ୍‌ସିବି ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗୀୟ ମୁଖ୍ୟ ଡାକ୍ତର ସ୍ମିତା ମହାପାତ୍ର କିମ୍ବା କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

କିଛି ମାସର ବ୍ୟବଧାନ ପରେ ପୁଣି ଥରେ ରକ୍ତାଭାବ ସମସ୍ୟା ଜଟିଳ ରୂପ ନେଇଛି। କଟକରେ ରହିଛି ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲ ତଥା ଏସ୍‌ସିବି ମେଡିକାଲ। ଏହାଛଡ଼ା ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ, ଶିଶୁଭବନ, ସିଟି ହସ୍ପିଟାଲ ସମେତ ଶତାଧିକ ଘରୋଇ ହସ୍ପିଟାଲ ରହିଛି। ଏଣୁ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା କଟକ ସହରକୁ ପ୍ରତ୍ୟେକ ଦିନ ହଜାରହଜାର ରୋଗୀ ଆସୁଛନ୍ତି। ମାତ୍ର ହଠାତ୍ ରକ୍ତାଭାବ ଦେଖା ଦେଇଥିବାରୁ ରୋଗୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୋମବାରର ଘଟଣା। କେନ୍ଦ୍ରାପଡା ଅଞ୍ଚଳର ଜନୈକ ବ୍ୟକ୍ତି ନିଜ ଅସୁସ୍ଥ ପୁଅକୁ ଧରି ଏସ୍‌ସିବି ଆସିଥିଲେ। ତାଙ୍କ ପୁଅ ଥାଲାସେମିଆ ରୋଗରେ ଆକ୍ରାନ୍ତ। ସେ ଏସ୍‌ସିବି ରକ୍ତ ଭଣ୍ଡାର ଯାଇଥିବା ବେଳେ ସେଠାରେ ତାଙ୍କୁ ଫେରାଇ ଦିଆଯାଇଥିଲା। ଡୋନର(ରକ୍ତଦାତା) ନଆଣିଲେ ରକ୍ତ ମିଳିବ ନାହିଁ ବୋଲି ତାଙ୍କୁ ରକ୍ତ ଭଣ୍ଡାରରେ କୁହାଯାଇଥିଲା। ମୟୂରଭଞ୍ଜ ଅଞ୍ଚଳର ଜଣେ ରୋଗୀ ସମ୍ପର୍କୀୟ ମଧ୍ୟ ଅନୁରୂପ ଅଭିଯୋଗ ଉଠାଇଥିଲେ। କିଛି ସମୟ ପରେ ୫୦ରୁ ଅଧିକ ରୋଗୀ ସମ୍ପର୍କୀୟ ଏକଜୁଟ ହୋଇ ଏସ୍‌ସିବି ଅଧୀକ୍ଷକଙ୍କୁ ଭେଟିବାକୁ ଯାଇଥିଲେ। ମାତ୍ର ଅଧୀକ୍ଷକ ନଥିବା ବେଳେ ଦାବିପତ୍ର ପ୍ରଦାନ କରି ପୁର୍ନବାର ରକ୍ତ ଭଣ୍ଡାରକୁ ଫେରି ଆସିଥିଲେ। କିଛି ସମୟ ସେଠାରେ ଅପ୍ରୀତିକର ପରିସ୍ଥିତି ଦେଖା ଦେଇଥିଲା। ତେବେ ଥାଲାସେମିଆ ରୋଗୀଙ୍କୁ ରକ୍ତ ୟୁନିଟ ପ୍ରଦାନ ଦିଗରେ ଅଗ୍ରାଧିକାର ଦିଆଯିବ ବୋଲି ମେଡିକାଲର ଜନୈକ ଅଧିକାର ସୂଚନା ଦେଇଛନ୍ତି।

ସେହିପରି କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରେ ମଧ୍ୟ ରକ୍ତାଭାବ ପରିସ୍ଥିତି ସାମ୍ନାକୁ ଆସିଛି। ଏଠାରେ ମଧ୍ୟ ଥାଲାସେମିଆ ରୋଗୀଙ୍କୁ ଗୋଟିଏ ୟୁନିଟ ବଦଳରେ ରକ୍ତ ଦିଆଯାଉଛି। ଜନୈକ ସାମାଜିକ କର୍ମୀ କହିଛନ୍ତି ଯେ, ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀ ସମ୍ପର୍କୀୟ ରିକ୍ୟୁଜିସନ ନେଇ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରକୁ ଯାଇଥିଲେ। ସମ୍ପୃକ୍ତ ରୋଗୀଙ୍କ ଅସ୍ତ୍ରୋପଚାର ହୋଇଥାନ୍ତା। ଏଣୁ ଦୁଇ ୟୁନିଟ ରକ୍ତ ଆଣିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଦୁଇଜଣ ରକ୍ତଦାତା ରକ୍ତ ଦାନ କରିବା ସତ୍ତ୍ୱେ ଗୋଟିଏ ଦିନରେ ରୋଗୀ ସମ୍ପର୍କୀୟଙ୍କୁ ଦୁଇ ୟୁନିଟ ରକ୍ତ ଦେବାକୁ ସେଠାରେ ମନା କରାଯାଇଥିଲା। ଏଭଳି ପରିସ୍ଥିତିରେ ଥାଲାସେମିଆ ରୋଗୀ କେଉଁ ପ୍ରକାର ସମସ୍ୟାରେ ପଡୁଥିବେ ତାହା ସ୍ପଷ୍ଟ ଭାବେ ଜଣାପଡୁଛି। ୪୦୦ରୁ ଅଧିକ ଥାଲାସେମିଆ ରୋଗୀ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାରେ ନାମ ପଞ୍ଜୀକରଣ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ) ଗାଇଡଲାଇନକୁ ପାଳନ କରାଯାଉନାହିଁ ବୋଲି ସାମାଜିକ କର୍ମୀ ଜଣକ ଅଭିଯୋଗ କରିଛନ୍ତି।



ଆଚାର୍ଯ୍ୟ କ୍ୟାନ୍ସର ହସ୍ପିଟଲ ପରିସରରେ ଲହଡ଼ି ଭାଙ୍ଗୁଛି ନର୍ଦ୍ଦମା ପାଣି

## ଚୌଧୁରୀବଜାରରେ ଫ୍ରୋଜିଟ୍‌ର ନୂତନ ଆଉଟ୍‌ଲେଟ ଉଦ୍‌ଘାଟିତ

**କଟକ,୩।୬(ସମିସ)**

ସୋମବାର ଚୌଧୁରୀବଜାରରେ ଓଡ଼ିଶାର ପ୍ରଥମ ଫ୍ରୋଜନ୍ ଫୁଡ୍ ଉଦ୍ୟୋଗ ଫ୍ରୋଜିଟ୍‌ର ୧୪ତମ ଆଉଟ୍‌ଲେଟ୍ ଉଦ୍‌ଘାଟିତ ହୋଇଯାଇଛି। ଆଜି ଅପରାହ୍ନରେ ରୁଚି ଫୁଡ୍‌ଲାଇନ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇ ଏହି ଆଉଟ୍‌ଲେଟ୍‌କୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଏହି ଆଉଟ୍‌ଲେଟ୍‌ର ସତ୍ତ୍ୱାଧିକାରୀ ସୁରଜ କୁମାର ସାହୁ ଯୋଗଦେଇଥିଲେ। ଏହି ଆଉଟ୍‌ଲେଟ୍‌ରେ ରେଡ଼ି-ଟୁ-ଇଟ୍, ରେଡି-ଟୁ-କୁକ୍, ଫ୍ରୋଜନ ଫୁଡ୍, ଫ୍ରେସ୍‌ବେକେରୀ, ମୃଦ୍ୟୁପାନୀୟ ଆଦି ଖାଦ୍ୟ ପଦାର୍ଥ ଉପଲବ୍ଧ ଥିବା ବେଳେ ଓଡ଼ିଶାର ପାରମ୍ପରିକ ପୋଡ଼ପିଠା, କ୍ଷୀରି, ପଖାଳ ଆଦି ମଧ୍ୟ ଉପଲବ୍ଧ। ଏହାଛଡ଼ା ବିଭିନ୍ନ ପ୍ରକାର ପ୍ରିମିୟମ୍ ଓ ସ୍ୱାସ୍ଥ୍ୟପୋଯୋଗୀ ଖାଦ୍ୟ ପଦାର୍ଥ ମଧ୍ୟ ଖାଉଟିମାନେ ଏଠାରେ କିଣିପାରିବେ। ଏହି ଆଉଟ୍‌ଲେଟ୍‌ରେ ଜନ୍ମଦିନର କେକ୍‌ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ପାର୍ଟି ନିମନ୍ତେ ଆବଶ୍ୟକୀୟ ସୁ-ସ୍ୱାଦୁ ଖାଦ୍ୟ ମଧ୍ୟ ସୁଲଭ ମୂଲ୍ୟରେ ମିଳିବ। ଓଡ଼ିଶାର ଏକ ନମ୍ବର ମସଲା ଉଦ୍ୟୋଗ ତଥା ପୂର୍ବ ଭାରତର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନ୍‌ର ଅନ୍ୟତମ ସହଭାଗୀ ପ୍ରତିଷ୍ଠାନ ଫ୍ରୋଜିଟ୍ ଏକ ଦଶନ୍ଧି ଧରି ବିଭିନ୍ନ ବର୍ଗର ଲୋକଙ୍କୁ ସୁସ୍ୱାଦୁ ଓ ଗୁଣବତ୍ତାର ଖାଦ୍ୟ ଜିନିଷ ଯୋଗାଇ ଆସୁଥିବାବେଳେ ଫ୍ରୋଜିଟ୍ ଆଉଟ୍‌ଲେଟ୍ ଯୁବବ୍ୟବସାୟୀଙ୍କୁ ସ୍ୱାବଲମ୍ବୀ କରିବା ସହ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରୟ କରିବାରେ ଏକ ଯୁଗାନ୍ତକାରୀ ବିପ୍ଳବ ଆରମ୍ଭ କରିପାରିଛି। ଆଜିର ଉଦ୍‌ଘାଟନୀ ଅବସରରେ ଡ଼ ଶରତ କୁମାର ସାହୁ ପ୍ରକାଶ କରିଥିଲେ ଯେ, ଆମେ ସବୁବେଳେ ପ୍ରଚେଷ୍ଟା କରି ଆସୁଛୁ ଲୋକଙ୍କୁ ରୁଚିକର ଖାଦ୍ୟ ଯୋଗାଇଦେବା ପାଇଁ, ଏ ପ୍ରଚେଷ୍ଟାରେ ଓଡ଼ିଶାବାସୀ ସବୁବେଳେ ସହଯୋଗର ହାତ ବଢାଇ ଆସିଛନ୍ତି। ସେଥିପାଇଁ ମୁଁ ସମସ୍ତଙ୍କ ପାଖରେ ଋଣି। ଆପଣମାନେ ସମସ୍ତେ ସ୍ଥାନୀୟ ଆଉଟ୍‌ଲେଟ୍‌ରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ସୁଲଭ ମୂଲ୍ୟରେ ପାଆନ୍ତୁ। ଆଜିର ଏହି ଶୁଭାରମ୍ଭରେ ଫ୍ରୋଜିଟ୍ ପକ୍ଷରୁ ସିନିୟର ମ୍ୟାନେଜର ଶ୍ରୀକାନ୍ତ ମହାପାତ୍ର, ଆଉଟ୍‌ଲେଟ ଡିଭିଜନର ମୁଖ୍ୟ ଅଂଶୁମାନ ମିଶ୍ର, ଅବିନାଶ ସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




**ସହରରେ ସାଇବର ଅପରାଧ ସ୍ଥିତି ଉଦ୍‌ବେଗଜନକ**

# କ୍ରେଡିଟ୍ କାର୍ଡରୁ ୫୦ ହଜାର ଲୁଟିନେଲେ

- ଜାତୀୟସ୍ତରୀୟ ବ୍ୟାଙ୍କ୍ କର୍ମଚାରୀ କହି ଯୁବକଙ୍କୁ ଲିଙ୍କ୍ ଦେଲେ
- କାର୍ଡ ଆକ୍ଟିଭେଟ୍ ବାହାନାରେ ଟଙ୍କା ଠକିଲେ
- ସାଇବର ଥାନାରେ ଏତଲା; ପୁଲିସର ତଦନ୍ତ ଆରମ୍ଭ

**କଟକ,୩।୬(ସମିସ)**

ସହରରେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯେତେ ସଚେତନତା କରାଗଲେ ମଧ୍ୟ ସାଧାରଣ ଲୋକଙ୍କ ଅବହେଳା ଯୋଗୁଁ ସାଇବର ଲୁଟେରାମାନେ ଟଙ୍କା ଠକିନେବାରେ ସଫଳ ହେଉଛନ୍ତି। ଆଜି ଦରଘାବଜାର ଥାନା ଅନ୍ତର୍ଗତ ତିନିକୋଣିଆବଗିଚା ଅଞ୍ଚଳର ମହମ୍ମଦ ମୋସିମ୍‌ଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ୫୦ହଜାର ଟଙ୍କା ଠକି ନେଇଛନ୍ତି ସାଇବର ଲୁଟେରା। ଏ ସମ୍ପର୍କରେ ଅଭିଯୋଗକାରୀ ମୋସିମ୍ ସାଇବର ଥାନାରେ ଏତଲା ଦେଇଥିଲେ। ଏତଲାକ୍ରମେ ପୁଲିସ ପ୍ରଥମେ ତାଙ୍କ କ୍ରେଡିଟ୍ କାର୍ଡକୁ ବ୍ଲକ୍ କରିବା ସହିତ ସମ୍ପୃକ୍ତ ଆକାଉଣ୍ଟ୍‌କୁ ଅଚଳ କରି ଦେଇଛି। ମୋସିମଙ୍କ କ୍ରେଡିଟ୍ କାର୍ଡକୁ ବ୍ୟବହାର କରି ସାଇବର ଅପରାଧିମାନେ ଲୁଟ୍ ଟଙ୍କାରେ ସପିଂ କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ କ୍ରେଡିଟ୍ କାର୍ଡକୁ ବ୍ୟବହାର କରି ସପିଂ ମାଧ୍ୟମରେ ଠକେଇ କରିଥିବା ଘଟଣା କ୍ରମଶଃ ବଢୁଥିବା ବେଳେ କଟକ ସାଇବର ଥାନା ପକ୍ଷରୁ ଏ ସମ୍ପର୍କରେ ପ୍ରତ୍ୟେକ ମାସରେ ସଚେତନତା ବାର୍ତ୍ତା ଜାରି କରାଯାଉଛି। ହେଲେ ଠକେଇର ଶିକାର ହେଉଥିବା ଲୋକମାନେ ପୁଲିସର ସଚେତନତାକୁ ଶୁଣୁ ନ ଥିବା ପୁଲିସ କହିଛି। ଅଭିଯୋଗକାରୀ ମୋସିମ୍‌ଙ୍କୁ ଅଙ୍କିତ୍ ଶର୍ମା ନାମକ ଜଣେ ବ୍ୟକ୍ତି ଠକିଥିବା ପୁଲିସ ଜାଣିବାକୁ ପାଇଛି। ତାକୁ ଏବଂ ତାର ସହଯୋଗୀଙ୍କୁ ଗିରଫ କରିବା ପାଇଁ ସାଇବର ଥାନା ପୁଲିସ ତଦନ୍ତ ଜାରି ରଖିଥିବା କହିଛି।




ସାଇବର ପୁଲିସ ସୂଚନା ଅନୁସାରେ, ମୋସିମ୍ ଏକ ଘରୋଇ କମ୍ପାନୀରେ ଚାକିରୀ କରନ୍ତି। ତାଙ୍କର ଆର୍ଥିକ ମାନଦଣ୍ଡ ସେତେଟା ସ୍ୱଚ୍ଛଳ ନ ଥିବାରୁ ସେ ବହୁ କଷ୍ଟରେ ପରିବାର ଚଳାନ୍ତି। ଏକ ଜାତୀୟ ବ୍ୟାଙ୍କ୍‌ରେ ତାଙ୍କ ଆକାଉଣ୍ଟ୍ ରହିଥିବା ବେଳେ ଉକ୍ତ ବ୍ୟାଙ୍କ୍‌ର କ୍ରେଡିଟ୍ କାର୍ଡ ରହିଥିଲା। ସେ ଏହି କ୍ରେଡିଟ୍ କାର୍ଡକୁ ଆଦୌ ବ୍ୟବହାର କରୁ ନ ଥିଲେ। ପ୍ରାୟ ୧ବର୍ଷ ହେବ ସେ କ୍ରେଡିଟ୍ କାର୍ଡକୁ ବ୍ୟବହାର ନ କରି ନିଜ ପାଖରେ ରଖିଥିଲେ। ଆଜି ଦିନ ୧୨ଟାରେ ତାଙ୍କୁ (+୯୧) ୭୦୫୦୫୯୬୦୭୩ରୁ ଫୋନ୍ ଆସିଥିଲା। ଫୋନ୍‌ରେ ଅଙ୍କିତ୍ ଶର୍ମା ନାମକ ଜଣେ ଯୁବକ କହିଥିଲେ ଯେ, କ୍ରେଡିଟ୍ କାର୍ଡଟି ଆଦୌ ବ୍ୟବହାର ହେଉ ନ ଥିବାରୁ ତାହା ବ୍ଲକ୍ ହୋଇଯାଇଛି। ତାହାକୁ ଆକ୍ଟିଭେଟ୍ କରିବା ନିମନ୍ତେ ଏକ ଲିଙ୍କ୍‌କୁ କ୍ଲିକ୍ କରିବାକୁ ହେବ। ଅଭିଯୁକ୍ତ ଅଙ୍କିତ କଥାକୁ ବିଶ୍ୱାସ କରି ମୋସିମ୍ ପଠାଯାଇଥିବା ଲିଙ୍କ୍‌ରେ କ୍ଲିକ୍ କରି ନିର୍ଦ୍ଦିଷ୍ଟ ଏକ ପେଜ୍ ଖୋଲିଥିଲେ। ଏହି ପେଜ୍ ଖୋଲିବା ପରେ ସ୍କ୍ରିନ୍‌ରେ ଏକ ଓଟିପି ଆସିଥିଲା। ଏହି ଓଟିପିକୁ ମୋସିମ୍ ଦେଇଦେବା ପରେ ତାଙ୍କ କ୍ରେଡିଟ୍ କାର୍ଡ ସଂଯୋଗ ଥିବା ଆକାଉଣ୍ଟରୁ ୪ଟି ପର୍ଯ୍ୟାୟରେ ୫୦ହଜାର ଟଙ୍କା କଟି ଯାଇଥିଲା। ମୋସିମ୍ ତୁରନ୍ତ ନିଜ ସମ୍ପର୍କୀୟଙ୍କ ସହିତ ଯୋଗଯୋଗ କରିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ତୁରନ୍ତ କଟକ ସାଇବର ଥାନାରେ ସେ ଏ ସମ୍ପର୍କରେ ଅଭିଯୋଗ ଆଣିଥିଲେ। ପୁଲିସ ଏତଲା ପଞ୍ଜିକରଣ କରି ଖୋଳତାଡ଼୍ କରିବାରୁ ଜଣାପଡ଼ିଥିଲା ଯେ, ସାଇବର ଲୁଟେରାମାନେ ମୋସିମ୍‌ଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ୫୦ହଜାର ଟଙ୍କା ଠକି ନେଇଛନ୍ତି। ଏହି ଟଙ୍କାରେ ସେମାନେ ଅନଲାଇନ୍ ସପିଂ କରିଛନ୍ତି।




ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ଅପରାଧିଙ୍କୁ ଗିରଫ କରି ନାହିଁ। ଆନ୍ତଃରାଜ୍ୟ ସାଇବର ଲୁଟେରା ଏଭଳି ଠକେଇ କରୁଛନ୍ତି। ବିଶେଷଃ କରି କ୍ରେଡିଟ୍ କାର୍ଡକୁ ଆକ୍ଟିଭେଟ୍ କରିବାକୁ କହି ଲିଙ୍କ୍ ଦେବା ସହିତ ଓଟିପି ନେଇ ଲକ୍ଷାଧିକ ଟଙ୍କା ଠକି ନେଉଥିବା ନଜରକୁ ଆସୁଛି। ପୁଲିସ ଏ ସମ୍ପର୍କରେ ସଚେତନତା କ୍ୟାମ୍ପେନ୍ ଜାରି ରଖିଥିବା ବେଳେ ସଚେତନତା ଦ୍ୱାରା ଏଭଳି ଅପରାଧକୁ ରୋକି ହେବ ବୋଲି ସାଇବର ଥାନା ପୁଲିସ କହିଛି।

## ଅଧ୍ୟାପକଙ୍କୁ ହାଇକୋର୍ଟରୁ ମିଳିଲା ନ୍ୟାୟ

### ମିଳିବ ୟୁଜିସି ସ୍କେଲ୍ ଅଫ୍ ପେ'

**କଟକ,୩।୬(ସମିସ)**

ଜନୈକ ଇଂରାଜୀ ଅଧ୍ୟାପକଙ୍କୁ ୟୁଜିସି ସ୍କେଲ ଅଫ୍ ପେ ପ୍ରଦାନ ସପକ୍ଷରେ ୨୦୦୮, ମେ ୩୧ରେ ରାଜ୍ୟ ଶିକ୍ଷା ଟ୍ରିବୁନାଲ ପ୍ରଦାନ କରିଥିବା ରାୟ ହାଇକୋର୍ଟରେ କାଏମ ରହିଛି। ଅନ୍ୟପଟରେ ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ମାମଲାର ପ୍ରତିପକ୍ଷ ଦାଶରଥି ସାହୁ ୟୁଜିସି ସ୍କେଲ ଅଫ୍ ପେ ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ ମତ ଦେବା ସହିତ ଶିକ୍ଷା ଟ୍ରିବୁନାଲଙ୍କ ରାୟରେ ହସ୍ତକ୍ଷେପ ପାଇଁ ମନା କରିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ରାୟ ପ୍ରଦାନ କରିଛନ୍ତି। ଏହି ରାୟ ପରେ ଶ୍ରୀ ସାହୁ ୧୯୮୬, ଜାନୁଆରି ୧ରୁ ୟୁଜିସି ସ୍କେଲ ଅଫ୍ ପେ ପାଇବେ। ଇତି ମଧ୍ୟରେ ଶ୍ରୀ ସାହୁ ଅବସର ନେଇ ସାରିଥିବାରୁ ୩୮ ବର୍ଷ ପରେ ସଂଶୋଧିତ ହାରରେ ତାଙ୍କୁ ବେତନ ଓ ଅବସରକାଳୀନ ପ୍ରାପ୍ୟ ମିଳିବ।

ପ୍ରକାଶ ଥାଉକି ଆବେଦନକାରୀ ୟୁଜିସି ସ୍କେଲ ଅଫ୍ ପେ ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ଏହା ପ୍ରଦାନ କରାଯାଇ ନଥିଲା। ଏ ସଂପର୍କିତ ଆବେଦନକାରୀଙ୍କ ଦାବିକୁ ସରକାର ୨୦୦୫, ଅଗଷ୍ଟ ୬ରେ ଖାରଜ କରିଥିଲେ। ଏହି ପ୍ରସଂଗ ନେଇ ସେ ଶିକ୍ଷା ଟ୍ରିବୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୦୮, ମେ ୩୧ରେ ଶିକ୍ଷା ଟ୍ରିବୁନାଲ ୨୦୦୫, ଅଗଷ୍ଟ ୬ର ସରକାରୀ ନିର୍ଦ୍ଦେଶକୁ ରଦ୍ଦ କରିବା ସହିତ ଶ୍ରୀ ସାହୁ ୧୯୮୬, ଜାନୁଆରି ୧ରୁ ୟୁଜିସି ସ୍କେଲ ଅଫ୍ ପେ ପାଇବାକୁ ଯୋଗ୍ୟ ବୋଲି ରାୟ ଦେଇଥିଲେ। ୨୦୦୯ରେ ରାଜ୍ୟ ସରକାର ଶିକ୍ଷା ଟ୍ରିବୁନାଲଙ୍କ ରାୟକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାୟର କରିଥିଲେ । ଶ୍ରୀ ସାହୁ ପିପିଲି କଲେଜରୁ ୨୦୧୬, ମାର୍ଚ୍ଚରେ ଅବସର ଗ୍ରହଣ କରିଥିଲେ ମଧ୍ୟ ମାମଲା ବି.ରାଧୀନ ଥିବାରୁ ଶିକ୍ଷା ଟ୍ରିବୁନାଲଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇନଥିଲା। ଦୀର୍ଘ ୧୫ବର୍ଷ ପରେ ସରାକରଙ୍କ ଆବେଦନ ଖାରଜ ହେବାରୁ ଏବେ ଅଧ୍ୟାପକ ଶ୍ରୀ ସାହୁଙ୍କୁ ନ୍ୟାୟ ମିଳିଛି ।ଶ୍ରୀ ସାହୁଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଥିଲେ।

### ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ

# ମାଳଶାସନ ପଞ୍ଚାୟତ ମହିଳାଙ୍କ ଧାରଣା



ସାଲେପୁର, ୩।୬(ସମିସ)

ମାଳଶାସନ ଗ୍ରାମପଞ୍ଚାୟତରେ ନିର୍ବାଚନୀ ହିଂସା ଘଟଣାରେ ସାଲେପୁର ପୁଲିସର ମାତ୍ରାଧିକ କାର୍ଯ୍ୟ ପ୍ରତିବାଦରେ ଆଜି ମାଳଶାସନ ପଞ୍ଚାୟତର ଶତାଧିକ ମହିଳା ଗ୍ରାମର ସିଦ୍ଧଲଙ୍ଗୁଳି ମହାପୁରୁଷଙ୍କ ପୀଠ ସମ୍ମୁଖରେ ଧାରଣା ଦେବା ସହ ପୁଲିସ ବିରୋଧରେ ନାରାବାଜୀ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଗତ ୧ ତାରିଖ ଦିନ ସାଲେପୁର ବ୍ଲକ୍‌ର ମାଳଶାସନ ପଞ୍ଚାୟତର ମାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ଭୋଟଗ୍ରହଣ କେନ୍ଦ୍ରରେ ବିଜେପି ଦଳର ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ନିର୍ବାଚନ ଏଜେଣ୍ଟ ଓ କେତେକ ବିଜେପି କର୍ମୀମାନେ ବୁଥ୍ ଭିତରେ ପଶି ଭୋଟରମାନଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ବିଜେପି ଓ ବିଜେଡି କର୍ମୀମାନଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା ଓ ବିଜେପି ପକ୍ଷରୁ ଏ ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଦୁଇଦିନ ହେବ ସାଲେପୁର ପୁଲିସ ପ୍ରକୃତ ଅଭିଯୁକ୍ତଙ୍କୁ ଗିରଫ ନ କରି ଗାଁର ୨ଜଣ ନିରୀହ ଯୁବକଙ୍କୁ ଗିରଫ କରିବା ସହ ରାତିଅଧିଆ ଗାଁରେ ପଶି ଘରର କବାଟ ବାଡ଼ାବାଡ଼ି କରିବା ମହିଳାମାନଙ୍କୁ ଦୁର୍ବ୍ୟବହାର କରିବା ଓ କବାଟ ଝରକା ଭାଙ୍ଗିବା ଭଳି ପୁଲିସର ମାତ୍ରାଧିକ କାର୍ଯ୍ୟ ପ୍ରତିବାଦରେ ଆଜି ଉକ୍ତ ପଞ୍ଚାୟତର ଶତାଧିକ ମହିଳା ଗ୍ରାମର ସିଦ୍ଧଲଙ୍ଗୁଳି ମହାପୁରୁଷଙ୍କ ପୀଠରେ ଧାରଣାରେ ବସିବା ସହ ନାରାବାଜୀ କରିଥିଲେ। ମହିଳାମାନଙ୍କ ଅଭିଯୋଗ ମୁତାବକ ପୁଲିସ ମାଳଶାସନ ଗ୍ରାମର ୧୮୪ ଓ ୧୮୫ନଂ ବୁଥ୍‌ରେ ଗତ ୧ତାରିଖ ଦିନ ମତଦାନ ଚାଲୁଥିବାବେଳେ କିଛି ଅସାମାଜିକ ବିଜେପି କର୍ମୀ ଆସି ଜୋରଜବରଦସ୍ତ ବୁଥ ଭିତରେ ପଶି ଆଶାଳୀନ ବ୍ୟବହାର କରିଥିଲେ। ଏହାକୁ ସ୍ଥାନୀୟ ବିଜେଡି କର୍ମୀମାନେ ବିରୋଧ କରିବାରୁ ଉଭୟ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ବଚସା ହୋଇଥିଲା। ନିର୍ବାଚନର ୨ଦିନ ବିତିଯାଇଥିଲେ ହେଁ ସାଲେପୁର ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ମାଳଶାସନ ଗ୍ରାମରେ ରାତିଅଧିଆ ପଶି ସାଧାରଣ ଲୋକଙ୍କ କବାଟ ବାଡେଇବା ସହ କବାଟ ଖୋଲିବା ପରେ ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅପର ପକ୍ଷରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସମର୍ଥନ କରିବା ସହ ବିଜେପି ପ୍ରାର୍ଥୀ ହାରିବା ଭୟରେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ସୃଷ୍ଟି କରିବା ସହ ଅଯଥାରେ ବିଜେଡି ଦଳକୁ ବଦନାମ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା ସେ ପ୍ରକାଶ କରିଛନ୍ତି। ଖବର ପାଇ ସାଲେପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ସାଲେପୁର ଆଇଆଇସି ମନୋଜ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିବା ସହ ଏହି ଘଟଣାରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଗ୍ରାମବାସୀଙ୍କୁ କୌଣସି ପ୍ରକାର ହଇରାଣ ହରକତ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ନିର୍ବାଚନୀ ହିଂସା ଘଟଣାରେ ଆଉ ଜଣେ ଗିରଫ

ମାଳଶାସନ ପଞ୍ଚାୟତରେ ନିର୍ବାଚନୀ ହିଂସା ଘଟଣାରେ ସଂପୃକ୍ତ ଥିବା ଅନ୍ୟଜଣେ ଅଭିଯୁକ୍ତକୁ ଆଜି ସାଲେପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ୧ତାରିଖ ଦିନ ମାଳଶାସନ ପଞ୍ଚାୟତରେ ମାଳ ୟୁଜିଏମ୍‌ଇ ସ୍କୁଲ ପରିସରରେ ହୋଇଥିବା ଭୋଟଦାନ କେନ୍ଦ୍ରରେ ଭୋଟିଂ ଚାଲିଥିବାବେଳେ ସେଠାରେ ଉପସ୍ଥିତ ଥିବା ବିଜେପି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ଏଜେଣ୍ଟ ସଞ୍ଜୟ ରାଉତ ଓ ଯୁବ ବିଜେପି କର୍ମୀ ଅଭିଷେକ ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ଅଭିଷେକ ପଣ୍ଡାଙ୍କ ମୁଣ୍ଡ ଫାଟିବା ସହ ସଞ୍ଜୟ ରାଉତ ମଧ୍ୟ ଆହତ ହୋଇଥିଲେ। ଏହାନେଇ ସଞ୍ଜୟ ରାଉତ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ଏହି ଆକ୍ରମଣ ଘଟଣାରେ ସଂପୃକ୍ତ ମାଳଶାସନ ଗ୍ରାମର ଜ୍ଞାନରଞ୍ଜନ ବେହେରାକୁ ଗତକାଲି ଗିରଫ କରିଥିବାବେଳେ ଆଜି ଉକ୍ତ ଘଟଣାରେ ଅନ୍ୟଜଣେ ଅଭିଯୁକ୍ତ ଉପେନ୍ଦ୍ର ନାଥ ଜତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଏହି ଘଟଣାରେ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୨କୁ ବୃଦ୍ଧି ପାଇଛି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ସାଲେପୁର,୩।୬(ସମିସ):** ଆଜି ସାଲେପୁର-କୁଆଁପାଳ ରାସ୍ତାରେ ଏକ ଟିପ୍ପର ଧକ୍କାରେ ଜଣେ ମୋଟର ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ, ଆଜି ଦିନ ପ୍ରାୟ ୧.୩୦ ମିନିଟ ସମୟରେ ସାଲେପୁର-କୁଆଁପାଳ ରାସ୍ତାର ଲୁଣାହାର ପୋଲ ନିକଟରେ କୁଆଁପାଳରୁ ସାଲେପୁର ଅଭିମୁଖେ ଆସୁଥିବା ଏକ ଟିପ୍ପର ନଂ ଓଆର ୦୯କେ ୯୭୪୩ ଗାଡ଼ିଟି ପଲସର ମୋଟର ସାଇକଲ ନଂ ଓଡି ୦୫ ବିଏସ୍ ୧୩୩୩ ଯୋଗେ ସାଲେପୁର ବଜାରକୁ ଆସୁଥିବା କାଜିହାଟ ଗୁଆଲିପୁର ଗ୍ରାମର ସେକ୍ ବୋଜାନ୍ (୨୧) ଓ ସେକ୍ ସହିଦ (୨୭)ଙ୍କୁ ଧକ୍କା ଦେବା ଫଳରେ ଉଭୟ ଗାଡ଼ି ସହିତ ତଳେ ପଡିଯାଇଥିଲେ। ଘଟଣାସ୍ଥଳରେ ସେକ୍ ବୋଜାନ୍‌ର ମୃତ୍ୟୁ ହୋଇଥିବାବେଳେ ସେକ୍ ସହିଦ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡିଥିଲେ। ସାଲେପୁର ଦମକଳ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ସହିଦଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଛି। ଅପର ପକ୍ଷରେ ସାଲେପୁର ପୁଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତକଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ କରୁଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

### ଦେଓପୁର ହତ୍ୟାକାଣ୍ଡ ଘଟଣା

## ଅଭିଯୁକ୍ତକୁ ଗିରଫ ଦାବିରେ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

କଟକ,୩।୬(ସମିସ)



କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିମେଇସାପୁର ଗ୍ରାମ ପଞ୍ଚାୟତର ଦେଓପୁର ଗ୍ରାମରେ ନିର୍ବାଚନ ପୂର୍ବ ରାତି ଅର୍ଥାତ୍ ଗତ ୨୪ ତାରିଖ ରାତିରେ ଘଟିଥିବା ସରୋଜ ଭୋଇ ହତ୍ୟାକାଣ୍ଡକୁ ଦଶ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅପରାଧୀଙ୍କ କୌଣସି ପତ୍ତା ମିଳିନି। କନ୍ଦରପୁର ଥାନା ପୁଲିସର ଅବହେଳା ଓ କାର୍ଯ୍ୟଶୈଳୀ ଉପରେ ଲୋକଙ୍କ ବିଶ୍ୱାସ ତୁଟିବାକୁ ଯାଉଥିବା ବେଳେ, ଆଜି ନିମେଇସାପୁର ଠାରେ କଟକ ସଦର କଂଗ୍ରେସ କମିଟି ପକ୍ଷରୁ ଏକ ବୈଠକ କରାଯାଇ ଏହାକୁ ଦୃଢ଼ ନିନ୍ଦା କରାଯାଇଛି। ଯଦି ପୁଲିସ ବିଭାଗ ଯଥା ଶୀଘ୍ର ଉକ୍ତ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ନ କରେ ତେବେ କଟକ ସଦର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହିତ କନ୍ଦରପୁର ଥାନା ଘେରଉ କରିବ ବୋଲି କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଛାୟତ କହିଛନ୍ତି। କଟକ ସଦର ବ୍ଲକ କଂଗ୍ରେସ କମିଟି ଉପସଭାପତି ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ନିମେଇସାପୁର ଠାରେ ଆୟୋଜିତ ହୋଇଥିବା ବୈଠକରେ କଟକ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ଜିଲ୍ଲା କଂଗ୍ରେସ ସମ୍ପାଦକ ନିହାର ରଞ୍ଜନ ନନ୍ଦ, ୫ ନମ୍ବର ଜୋନ କଂଗ୍ରେସ ସଭାପତି ସଞ୍ଜୟ ପରିଡ଼ା, ପଞ୍ଚାୟତ କଂଗ୍ରେସ ସଭାପତି ଦିଲ୍ଲୀପ ବାରିକ, କଂଗ୍ରେସ ନେତା ନିରଞ୍ଜନ ଲେଙ୍କା, ମହେଶ୍ୱର ମହନ୍ତ, ଶୃତିକାନ୍ତ ମହନ୍ତ, ରସିଦ ମହମ୍ମଦ, ଲିଆକତ ହୁସେନ ଖାନ୍, ରିଆଜ ଖାଁ, ସନାତନ ବେହେରା, କାଳନ୍ଦୀ ସେଠୀ, ବିଜୟ ସେଠୀ, ରାକେଶ ଭୋଇ, ରଞ୍ଜନ ନାୟକ, ଅଭିମନ୍ୟୁ ଭୋଇ, ବାବୁଲି ଭୋଇ ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବୈଜ୍ଞାନିକ ସ୍ୱର୍ଗତ ପ୍ରାଣକୃଷ୍ଣ ପରିଜାଙ୍କ ଶ୍ରାଦ୍ଧବାର୍ଷିକୀ



**ସାଲେପୁର,୩।୬(ସମିସ):** ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ପକ୍ଷରୁ ଭାରତର ବିଶିଷ୍ଟ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ ପିକୋଲ ଜଗନ୍ନାଥ ଗୋପିନାଥ ଟ୍ରଷ୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମେଜର ମଂଜୁଶ୍ରୀ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରାଦ୍ଧବାର୍ଷିକ ଉତ୍ସବରେ ଟ୍ରଷ୍ଟ ତଥା ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାତା ସଭ୍ୟ ସୁକାନ୍ତ କିଶୋର ମହାନ୍ତି, ବୈଜ୍ଞାନିକ ସ୍ୱର୍ଗତ ଡ. ପରିଜାଙ୍କ ପ୍ରଚ୍ଛଦପଟ୍ଟରେ ପୁଷ୍ପ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ଉମେଶ ଚନ୍ଦ୍ର ପତି, ଅଧ୍ୟାପକ ମହେଶ ଚନ୍ଦ୍ର କର ଉପସ୍ଥିତ ରହି ସ୍ୱର୍ଗତ ପରିଜାଙ୍କ ସ୍ମୃତିଚାରଣ କରିଥିଲେ। ଆଲୋଚନାଚକ୍ରର ଦ୍ୱିତୀୟ ପର୍ଯ୍ୟାୟରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ଚିନ୍ମୟୀ ବେହେରା, ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କଣ୍ଟାପଡା,୩।୬(ସମିସ):** ସାଇଲୋ ବଡବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ଆଞ୍ଚଳିକ ରଜ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ସ୍କୁଲ ପ୍ରାଙ୍ଗଣରେ ଥିବା ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁନ ୧୪/୧୫/୧୬ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପାରମ୍ପାରିକ ରଜ ଦୋଳି ସହ ପୋଡପିଠା, ବରିଷ୍ଠ ଓ କନିଷ୍ଠ ବିଭାଗର ପୁଚି, ମୁରଜ ପ୍ରତିଯୋଗିତା ବୋହୂମାନଙ୍କ ପାଇଁ ହୁଳହୁଳି ପ୍ରତିଯୋଗିତା ଆଧୁନିକ ଓ ପାରମ୍ପାରିକ ନୃତ୍ୟ ପ୍ରତିଯୋଗିତା ଓ ବୋହୂମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଛାତ୍ର ସଂସଦର କାର୍ଯ୍ୟକାରୀ ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅବନୀ ବେହେରା, ସୁରେନ୍ଦ୍ର ପାତ୍ର, ଅତୀଶ ରାଉତ, ସୁବ୍ରତ ଆଚାର୍ଯ୍ୟ, ସୁକାନ୍ତ ବେହେରା, ପୁନାନନ୍ଦ ପାତ୍ର, ଅଭିଜିତ ଆ.ର୍ଯ୍ୟ, ନିତ୍ୟାନନ୍ଦ ଦାଶ, ବିଶ୍ୱଜିତ କାନୁନ୍‌ଗୋ, ଅକ୍ଷୟ ରାଉତରାୟ, ବିଶ୍ୱରଞ୍ଜନ ରାଉତ, ସମ୍ଭୁ ରାଉତରାୟ, ବବୁଲ ରାଉତରାୟ, ଅନିଲ ଜେନା, ବିଶ୍ୱମ୍ବର ରାଉତରାୟ, ସନାତନ ଭୋଇ, ପ୍ରଶାନ୍ତ ବାରିକ, ସଞ୍ଜୟ ବାରିକ, ସଞ୍ଜୟ ଦାଶ, ବିଜୟ ରାଉତରାୟ, ସୁବ୍ରତ ମହାନ୍ତି ଓ ସଞ୍ଜୟ ରାଉତରାୟ ପ୍ରମୁଖ ଯୋଗଦେଇ ଆଞ୍ଚଳିକ ରଜ ଉତ୍ସବ ସମ୍ବନ୍ଧରେ ବିଷଦ ଆଲୋଚନା କରିଥିଲେ।

## ଭୈରବୀ ଦେବୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସଂପନ୍ନ



**ତିଗିରିଆ,୩।୬(ସମିସ):** ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ ପାଇକିଆଁରା ଗ୍ରାମର ଆରାଧ୍ୟା ମା ଭୈରବୀ ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନୀତିକାନ୍ତି ସୋମବାର ଶେଷ ହୋଇଛି। ୩୧ ତାରିଖ ଠାରୁ ୪ ଦିନ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ବ୍ରତଧାରୀଙ୍କ ଦ୍ୱାରା ମହାନଦୀର ସୁବର୍ଣ୍ଣପୁରସ୍ଥିତ ଘାଟର କଳସ ଶୋଭାଯାତ୍ରା କାର୍ଯ୍ୟକ୍ରମ ପରେ ମା'ଙ୍କ ପୀଠରେ ଅଙ୍କୁରାରୋପଣ ଜଳାଧିବାସ ନୀତିକାନ୍ତି କରାଯାଇ ସେହିଦିନ ଠାରୁ ଅଖଣ୍ଡ ନାମଯଜ୍ଞ ତଥା ନାମ ସଂକୀର୍ତ୍ତନ ଚାଲୁ ରହିଥିବା ବେଳେ ଆଜି ପୂର୍ବାହ୍ନରେ ମା'ଙ୍କ ବିଗ୍ରହର ପ୍ରତିମା ସ୍ନାନ, ଶୟନ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ସହିତ ଅପରାହ୍ନରେ ପୂର୍ଣ୍ଣାହୁତି ନୀତି ସଂପନ୍ନ କରାଯାଇଥିଲା ବେଳେ ବ୍ରତଧାରୀ ତଥା ଶ୍ରଦ୍ଧାଳୁମାନଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବେଦଜ୍ଞ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ଓ କର୍ତ୍ତା ପ୍ରେମାନନ୍ଦ ରାଉତଙ୍କ ଦ୍ୱାରା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ନୀତି ସଂପନ୍ନ କରାଯାଇଥିଲା। ପାଇକିଆଁରା ଗ୍ରାମ୍ୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ଦ୍ୱାରା ମା'ଙ୍କର ଏହି ପବିତ୍ର ଉତ୍ସବ ଆୟୋଜନ କରାଯାଇଥିଲା।

### ● ଚନ୍ଦନ ଯାତ୍ରା ବାଣ ବିସ୍ଫୋରଣ ଘଟଣା

## ଆଖି ବୁଜିଲେ ଟାଙ୍ଗୀର କାହ୍ନା

ଟାଙ୍ଗୀ,୩।୬(ସମିସ): ପୁରୀ ଚନ୍ଦନ ଯାତ୍ରା ବାଣ ବିସ୍ଫୋରଣ ଘଟଣାରେ ଚିକିତ୍ସାଧୀନ କଟକ ଜିଲ୍ଲା ଟାଙ୍ଗୀ ଥାନା ଅଞ୍ଚଳର କାହ୍ନା ଓରଫ ସୁକାନ୍ତ ସାହୁ (୩୦) ରବିବାର ପୂର୍ବାହ୍ନରେ ଆଖି ବୁଜିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ଗ୍ରାମସ୍ଥ ଶ୍ମଶାନରେ ସଂସ୍କାର କରାଯାଇଛି। କୋଟସାହି ପଞ୍ଚାୟତ ଟାଙ୍ଗୀ ବାସିନ୍ଦା ସ୍ୱର୍ଗତ କାହ୍ନା ଗ୍ରାମ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଚା' ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ଛୋଟବେଳୁ ପିତାଙ୍କୁ ହରାଇଥିବା କାହ୍ନା ବିବାହ କରି ନ ଥିବାବେଳେ ମାନସିକ ବିକୃତ ବିଧବା ମା' ଓ ସାନଭାଇକୁ ନେଇ ସଂସାର କହିଲେ ୩ ଜଣ। ଲୋକ ସମ୍ପର୍କ ଯୋଗୁଁ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ କୁମାର ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ପ୍ରକାଶ ଥାଉ କି ଗତମାସ ୨୯ ତାରିଖ କାଳରାତ୍ରୀର ଉକ୍ତ ମର୍ମନ୍ତୁଦ ଘଟଣାରେ ମୃତକଙ୍କ ସଂଖ୍ୟା ରବିବାର ସୁଦ୍ଧା ୧୩ ଜଣ ପହଞ୍ଚିଥିବା ଜାଣିବାକୁ ମିଳିଛି।

## ପ୍ରସନ୍ନମଣି ଷ୍ଟଡି ଆଇକ୍ୟୁର ବାର୍ଷିକ ଉତ୍ସବ




**ତିଗିରିଆ,୩।୬(ସମିସ):** ତିଗିରିଆ ବ୍ଲକ ନିଜିଗଡ ଗ୍ରାମସ୍ଥିତ ପ୍ରସନ୍ନମଣି ଷ୍ଟଡି ଆଇକ୍ୟୁର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶ୍ରୀଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ସୁବାସ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଂପାଦକ ଅଭୟ କୁମାର ବେହେରା ସଂପାଦକୀୟ ବିବରଣୀ ପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ଚଳିତ ବର୍ଷ +୨ କଳା ପରୀକ୍ଷାରେ ବ୍ଲକର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁଶ୍ରୀ ତପସ୍ୱିନୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତକୁ ସରସ ସୁନ୍ଦର ଭାବେ ଗଢି ଦେଶ ତଥା ରାଜ୍ୟରେ ଅଞ୍ଚଳର ନାମକୁ ପରିଚିତ କରିବା ସହ ଆଗାମୀ ଦିନରେ ସେମାନେ ଦେଶର ଜଣେ ସୁନାଗରିକ ରୂପେ ପରିଚିତ ହେବାକୁ ଦିଗଦର୍ଶନ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନର ପ୍ରତିଯୋଗିତାର ଆୟୋଜନ କରାଯାଇ ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାହାଙ୍ଗା,୩।୬(ସମିସ):** ମାହାଙ୍ଗା ବ୍ଲକ ଗୋକନ ପଞ୍ଚାୟତ ସ୍ଥିତ ଆଲୁନଟା-ବଇଚୁଆଁ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୬ ବର୍ଷ ଧରି ଶିକ୍ଷାଦାନ କରି ଅବସର ଗ୍ରହଣ କରଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଖଟୁଆ। ନିଜ ଚାକିରୀ ଜୀବନକାଳରେ ବହୁ ଯଶସ୍ୱୀ ଛାତ୍ର, ଛାତ୍ରୀ ସୃଷ୍ଟି କରିଥିଲେ। ଗତ ୩୧ ତାରିଖରେ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀ ମନୋରମା ଖଟୁଆଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ଛାତ୍ରଛାତ୍ରୀ ଆଦର୍ଶ ଶିକ୍ଷୟିତ୍ରୀ ମନୋରମାଙ୍କୁ ଭେଟି ଭାବବିହ୍ୱଳ କଣ୍ଠରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ସମାଜସେବୀଙ୍କ ବିୟୋଗ



**କିଶନନଗର,୩।୬(ସମିସ):** ସ୍ଥାନୀୟ ମଲ୍ଲିପୁର ନିବାସୀ ସମାଜସେବୀ ତଥା ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗର ସାନିଟାରୀ ଇନ୍ସପେକ୍ଟର ଗଣେଶ ପ୍ରସାଦ ଦାସ (୮୯)ଙ୍କର ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଦାସ ଅଞ୍ଚଳରେ ଦ୍ୱିତୀୟ ଚିକିତ୍ସକ ଭାବେ ପରିଚିତ ଥିଲେ। ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ପାଇଁ ଅନେକ ଥର ପୁରସ୍କୃତ ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ୪ ପୁଅ, ୨ବୋହୂ, ଝିଅ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କର ଶେଷ ଦର୍ଶନ କରିବା ସହିତ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ବଡ଼ ପୁଅ ବରେଶ ପ୍ରସାଦ ଦାସ ମୁଖାଗ୍ନି ଦେଇଥିଲେ।

## ଦୁର୍ଘଟଣାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ମୃତ୍ୟୁ

କଟକ,୩।୫(ସମିସ)



 କଟକ କମିସନରେଟ ପୁଲିସର କନ୍ଦରପୁର ଥାନା ଅନ୍ତର୍ଗତ ୫୫ନମ୍ବର ଜାତୀୟ ରାଜପଥର ଫକିରପଡ଼ା ଛକରେ ଏକ ମଟରସାଇକଲ ଦୁର୍ଘଟଣାରେ ଏହି ଗ୍ରାମର ବରୁଣେଇ ବିଦ୍ୟାପୀଠର ଅବସରପ୍ରାପ୍ତ କର୍ମଚାରୀ ତଥା ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ହୃଷୀକେଶ ସ୍ୱାଇଁ (୬୭)ଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଶ୍ରୀ ସ୍ୱାଇଁ ବ୍ୟାଙ୍କରୁ ନିଜ

**● ଜାତୀୟ ରାଜପଥ ୧ ଘଣ୍ଟା ବନ୍ଦ**

**● ଚାରି ଥାକିଆ ରାସ୍ତା ନିର୍ମାଣ ଦାବି**

ପେନସନ ଟଙ୍କା ଉଠାଇ ଘରକୁ ଫେରିବା ପାଇଁ ରାସ୍ତା ପାର ହେଉଥିବା ବେଳେ କଟକରୁ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଞ୍ଚଳର ଜୈନେକ ଯୁବକ ହୋଣ୍ଡା ସାଇନି (ଓଡି ୨୧ ଏଚ ୧୮୩୭) ରେ ଦ୍ରୁତଗତିରେ ଧକ୍କା ଦେଇଥିଲେ। ଫଳରେ ଶ୍ରୀ ସ୍ୱାଇଁ ରାସ୍ତା ଉପରେ ଛିଟିକି ପଡ଼ିବାରୁ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟିହୋଇ ପ୍ରବଳ ରକ୍ତସ୍ରାବ ହେବା ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହା ଜଣାପଡିବା ଫଳରେ ସ୍ଥାନୀୟ ଲୋକେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ କଟକ ପାରାଦୀପ ରାସ୍ତା ୧ଘଣ୍ଟା ଧରି ବନ୍ଦ ରହିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହୋଇଥିଲା। ମୃତକଙ୍କ ଜ୍ୱାଇଁ ରମେଶ ମହାପାତ୍ରଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ୧୦୯/୨୪ରେ ରୁଜୁ କରି ମଟରସାଇକଲକୁ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଚାଳକକୁ ଅଟକ ରଖିଛି। ପ୍ରକାଶ ଯେ, ଓଏମପି ଛକ ଠାରୁ କନ୍ଦରପୁର ପର୍ଯ୍ୟନ୍ତ ଏହି ଜାତୀୟ ରାଜପଥରେ ପ୍ରତ୍ୟେହ ଦୁର୍ଘଟଣା ଘଟି ବହୁ ଜୀବନ ଅକାଳରେ ଚାଲିଯାଉଛି। ଏହି ରାସ୍ତାକୁ ଚାରି ଥାକିଆ ରାସ୍ତା ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଆଜି ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ୍‌ରେ ଭୋଟ୍ ଗଣତି

## ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ କଟକଣା

**କଟକ, ୩।୬(ସମିସ)**

ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସରେ ଆଜି ସକାଳ ୮ଟାରୁ ଭୋଟ୍ ଗଣତି କରାଯିବ। ଇଭିଏମ୍ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇ ଥିବାବେଳେ ସମ୍ପୂର୍ଣ୍ଣ ଫଳାଫଳ ସାମ୍ନାକୁ ଆସିବ। ଏହି ପରିପ୍ରେକ୍ଷୀରେ ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସରେ ହେବାକୁ ଥିବା ଭୋଟ୍ ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏଥି ସହିତ ଭୋଟ୍ ଗଣତି କେନ୍ଦ୍ରର ୫୦୦ମିଟର୍ ଭିତରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି କଟକଣା ଲାଗିଥିବା ପରିସର ମଧ୍ୟକୁ ବାଣ, ଡିଜେ, ଦୁଇ ଚକିଆ ଓ ଚାରି ଚକିଆ ଯାନବାହାନ, ଲାଠି ଏବଂ ପାଣି ବୋତଲ ନେଇ ପାରିବେ ନାହିଁ। ଏଥିପାଇଁ ଡିସିପିଙ୍କ କାର୍ଯ୍ୟାଳୟରେ ଆଜି ଏକ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତ ବୈଠକ ବସିଥିଲା। ଏଥିରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରାଯାଇଥିଲା। ଯେଉଁଭଳି କୌଣସି ବ୍ୟକ୍ତି ବିନା କୌଣସି ଅନୁପତିପତ୍ରରେ ଗଣତି କେନ୍ଦ୍ର ଭିତରକୁ ପଶିପାରିବେ ନାହିଁ, ସେଥିପାଇଁ ତ୍ରିସ୍ତରୀୟ ସୁରକ୍ଷା କରାଯାଇଥିବା ଡିସିପି ପ୍ରକାଶ୍ ଆର୍ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସରେ ୬ଟି ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି କରାଯିବ। ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ଏଠି ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ମାହାଙ୍ଗା, ସାଲେପୁର, ନିଆଳି ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ଏହି କେନ୍ଦ୍ରରେ ହେବାକୁ ଥିବା ବେଳେ ଆଜି କଟକ କମିସନରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ଭୋଟ ଗଣତି କେନ୍ଦ୍ରରେ ୪ ଜଣ ଅତିରିକ୍ତ ଡିସିପି, ୫ ଏସିପି, ୧୫ ଇନସ୍ପେକ୍ଟର, ଏସଆଇ ଓ ଏଏସଆଇ ୩୦ ଜଣ, ଟ୍ରାଫିକ ଏସିପି ଓ ଆଇଆଇସି ଦୁଇ ଜଣ, ଟ୍ରାଫିକ ୨୫ କନଷ୍ଟେବଲ, ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ୩ ପ୍ଲାଟୁନ୍ ଫୋର୍ସ ମଧ୍ୟରୁ ଗଣତି କେନ୍ଦ୍ର ଭିତରେ ଗୋଟିଏ ଟିମ୍, କେନ୍ଦ୍ର ପରିସରରେ ଗୋଟିଏ ଏବଂ ପାଚେରୀ ବାହାରେ ଆଉ ଗୋଟିଏ ଟିମ୍ ନିୟୋଜିତ ରହିବା ନେଇ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଭୋଟ ଗଣତି କେନ୍ଦ୍ରକୁ ମୋବାଇଲ, ସ୍ମାର୍ଟ ଘଣ୍ଟା ଓ ଲାପ୍‌ଟପ୍ ମନା

**କଟକ, ୩।୬(ସମିସ):** କଟକ ଜିଲ୍ଲାରେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିଲା ବେଳେ ଆସନ୍ତାକାଲି ଭୋଟଗଣତି ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। କଟକ ଜିଲ୍ଲାର ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ମାହାଙ୍ଗା, ନିଆଳି ଓ ସାଲେପୁର ଆଦି ୬ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଟକ ରେଭେନ୍ସା ନୂତନ କ୍ୟାମ୍ପସରେ ଭୋଟ ଗଣତି କରାଯିବ। ବାଙ୍କୀ ବିଧାନସଭା ଆସନର ଭୋଟ ଗଣତି ବାଙ୍କୀ ମହାବିଦ୍ୟାଳୟ ଠାରେ ହେବ।



ସେହିପରି ଆଠଗଡ଼ ଓ ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆଠଗଡ଼ର ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ ଠାରେ ହେବ। ଭୋଟ ଗଣତି କେନ୍ଦ୍ରକୁ ମୋବାଇଲ ଫୋନ, ଟାବଲେଟ, ସ୍ମାର୍ଟ ଘଣ୍ଟା ଓ ଲାପଟପ ଓ ବାରଣ କରାଯାଇଛି। ଭୋଟଗଣତି କେନ୍ଦ୍ରର ୫୦୦ମିଟର ମଧ୍ୟରେ ବେଆଇନ ମେଳି, ବାଣ ଏବଂ ଉଚ୍ଚ ଶବ୍ଦ ବ୍ୟବହାର, ଯାନବାହନ ପାର୍କିଂ ଉପରେ କଟକଣା ଜାରି ହୋଇଛି। କୌଣସି ବ୍ୟକ୍ତି ଏହି ଆଦେଶର ଉଲ୍ଲଙ୍ଘନ କରନ୍ତି, ଆଇପିସିର ଧାରା -୧୮୮ ଏବଂ ଆଇନର ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଦଣ୍ଡିତ ହେବେ। ସେହିପରି ଭୋଟଗଣତି ପାଇଁ ଆସନ୍ତା କାଲି ସମସ୍ତ ମଦ ଦୋକାନ ବନ୍ଦ ରହିବ ବୋଲି ଆଦେଶନାମାରେ କୁହାଯାଇଛି। ଇଭିଏମ ଗୁଡ଼ିକୁ କଡା ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗ ରୁମରୁ ଅଣାଯିବା ପରେ ଗଣତି ଆରମ୍ଭ ହେବ। ୧୨୮ଟି ଟେବୁଲରେ ଏହି ଭୋଟ ଗଣତି କରାଯିବ। ସକାଳ ୮ଟାରୁ ପ୍ରଥମେ ପୋଷ୍ଟାଲ ବାଲାଟ ଭୋଟ ଗଣତି କରାଯିବା ପରେ ସାଢେ଼୮ଟା ପରେ ଇଭିଏମ ଗଣତି ଆରମ୍ଭ ହେବ। ବୋଲି ଜଣାପଡ଼ିଛି। ପ୍ରତି ରାଉଣ୍ଡର ଗଣତି ପରେ ଫଳାଫଳ ଘୋଷଣା କରାଯିବ। କଟକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆଙ୍କ କହିବାନୁସାରେ ଷ୍ଟ୍ରଙ୍ଗ ରୁମରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗଣତି କେନ୍ଦ୍ର ସିସିଟିଭି ବଳୟରେ ରହିଛି। ସେହିପରି ୪ତାରିଖରୁ ୬ତାରିଖ ଯାଏଁ ଏହି ଭୋଟ ଗଣତି କେନ୍ଦ୍ର ଅଞ୍ଚଳରେ ୧୪୪ଧାରା ବଳବତ୍ତର ରହିବ ବୋଲି ଜଣାପଡ଼ିଛି।

## ବଜ୍ରପାତରେ ଜଣଙ୍କର ମୃତ୍ୟୁ



**ଫୁଲନଖରା, ୩।୬(ସମିସ):** ରବିବାର ରାତ୍ର ସମୟରେ କାଳବୈଶାଖୀର ତାଣ୍ଡବଲୀଳା ସାଙ୍ଗକୁ ପ୍ରବଳ ମାତ୍ରାରେ ବର୍ଷା ଓ ଘଡଘଡି ଜନସାଧାରଣଙ୍କ ମନରେ ଭୟ ସୃଷ୍ଟି କରିଥିଲା। ବଜ୍ରପାତରେ ଫୁଲନଖରା ନିକଟସ୍ଥ ଶାସୋଳ ଗ୍ରାମର ୪୦ ବର୍ଷୀୟ ରଞ୍ଜନ ମାଝୀଙ୍କର ଅକାଳ ବିୟୋଗ ଘଟିଛି। ପରିବାରରେ ତାଙ୍କର ବୃଦ୍ଧ ବାପା ଓ ମାଙ୍କ ସହିତ ପତ୍ନୀ ଓ ଦୁଇଟି ନାବାଳକ ପୁଅ ଅଛନ୍ତି। ପରିବାରରେ ରଞ୍ଜନ ଏକମାତ୍ର ରୋଜଗାରକ୍ଷମ ଥିଲେ। ସେ ଏକ ଘରୋଇ ଅନୁଷ୍ଠାନରେ ଚାକିରି କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଘଟଣା ଘଟିବା ଦିନ ସେ ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଆସୁଥିବା ସମୟରେ ଶକ୍ତ ବିଜୁଳି ଆଘାତରେ ତାଙ୍କର ସମ୍ପୂର୍ଣ୍ଣ ଶରୀର ପୋଡିଯିବା ସହ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ତାଙ୍କର ଏହି ଦୁର୍ଦ୍ଦିନ ସମୟରେ ସରକାରୀ ସାହାଯ୍ୟ ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## କୂଅରୁ ବିଲେଇ ଉଦ୍ଧାର

**ଟାଙ୍ଗୀ, ୩।୬(ସମିସ):** ସୋମବାର ସନ୍ଧ୍ୟାରେ କୂଅରେ ଖସି ପଡ଼ିଥିବା ଏକ ବିଲେଇକୁ ଦମକଳ ବାହିନୀ ଉଦ୍ଧାର କରିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ରାମଗଡ଼ ଅଞ୍ଚଳରେ ବୁଲା କୁକୁରଙ୍କ ଭୟରେ ଜନୈକ ବ୍ୟକ୍ତିଙ୍କ କୂଅରେ ବିଲେଇଟି ଖସି ପଡ଼ିଥିଲା। ଅନ୍ଧାର ଯୋଗୁଁ କିଏ କୂଅରେ ପଡ଼ିଲା ବୋଲି ପରିବାର ଲୋକେ ଜାଣି ନ ପାରି ଦମକଳ ବାହିନୀକୁ ଫୋନ କରିଥିଲେ। ଚୌଦ୍ୱାରରୁ ଅଗ୍ନିଶମ ବାହିନୀ ପହଞ୍ଚି ବିଲେଇକୁ ଉଦ୍ଧାର କରିଥିଲେ।





ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି

## ଏସ୍‌ସିବି କର୍ତ୍ତୃପକ୍ଷ ଓ ପ୍ରଶାସନର ଚିନ୍ତା

# ଏବେ ବି ଦିବ୍ୟରଞ୍ଜନଙ୍କ ମିଳୁନି ପରିଚୟ

- ୯୬ ଘଣ୍ଟା ପୂରିଲେ ସତ୍କାର କରାଯିବ: ପୁଲିସ
- ଡିସ୍‌ଚାର୍ଜ ହେଲେ ଦୁଇ ଆହତ, ୨ ଚିକିତ୍ସାଧୀନ

**କଟକ, ୩।୬(ସମିସ):** ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ଆଇସିୟୁରେ ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଥିଲେ ଦିବ୍ୟରଞ୍ଜନ ସାହୁ। ଗତ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୀ ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ଭାବେ ଆହତ ହୋଇ ଏସ୍‌ସିବି ଆସିଥିବା ଦିବ୍ୟରଞ୍ଜନଙ୍କ ବାବଦରେ ଅଧିକ ତଥ୍ୟ ମିଳିବା କଷ୍ଟକର ହୋଇ ପଡ଼ିଲାଣି। ଏବେବି ସେ ଅପରିଚିତ ତାଲିକାରେ ରହିଛନ୍ତି। ଦିବ୍ୟରଞ୍ଜନଙ୍କ ପରିବାର ଲୋକ କିମ୍ବା ସମ୍ପର୍କୀୟ ଏ ପର୍ଯ୍ୟନ୍ତ ମେଡିକାଲରେ ପହଞ୍ଚି ନାହାନ୍ତି। ମେଡିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ଦିବ୍ୟରଞ୍ଜନଙ୍କ ବାବଦରେ ଅଧିକ ତଥ୍ୟ ମିଳିପାରିନାହିଁ। ତେବେ ମଙ୍ଗଳାବାଗ ଥାନା ପକ୍ଷରୁ କୁହାଯାଇଛି ଯେ, ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ମୋଟ୍ ୯୬ ଘଣ୍ଟା ରଖାଯିବ। ଏହା ପରେ ସତ୍କାର କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ। ଏଣୁ ଦିବ୍ୟରଞ୍ଜନଙ୍କ ମୃତଦେହ ସମ୍ଭବତଃ ବୁଧବାର ସତ୍କାର କରାଯିବ ବୋଲି ଅନୁମାନ କରାଯାଉଛି। ଏହି ସମୟ ଭିତରେ କୌଣସି ସମ୍ପର୍କୀୟ ଯଦି ଏସ୍‌ସିବି ନଆସନ୍ତି ତାହେଲେ ପୁଲିସ ଓ ପ୍ରଶାସନ ଉପସ୍ଥିତିରେ ଶବ ସତ୍କାର ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ବାଣ ବିସ୍ଫୋରଣରେ ଆହତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ପୁରୀ ତଳନୂଆ ସାହିର ମନମୋହନ ବେହେରା(୨୪) ଓ ମାର୍କଣ୍ଡେଶ୍ୱର ସାହିର ବଳରାମ ଦାସ(୧୫) ଆଜି ଡିସଚାର୍ଜ ହୋଇଛନ୍ତି। ଏବେ ଦୁଇ ଜଣ ଚିକିତ୍ସାଧିନ ରହିଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଥାଉକି, ୩୫ବର୍ଷୀୟ ଦିବ୍ୟରଞ୍ଜନଙ୍କୁ ଏସ୍‌ସିବି ମେଡିକାଲ ଅଣାଯିବା ବେଳେ ତାଙ୍କ ଘର ପୁରୀ ଏବଂ ପିତାଙ୍କ ନାମ ଦୁଷ୍ମନ୍ତ ସାହୁ ବୋଲି ପଞ୍ଜୀକରଣ ତାଲିକାରେ ଉଲ୍ଲେଖ କରାଯାଇଥିଲା। ଆମ୍ବୁଲାନ୍ସ ଡ୍ରାଇଭରଙ୍କ ସୂଚନା ମୁତାବକ ମୃତ ଦିବ୍ୟରଞ୍ଜନଙ୍କର ଏହି ପରିଚୟ ମିଳିଛି। ଏହା ବ୍ୟତୀତ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ନିକଟରେ ଅନ୍ୟ କୌଣସି ତଥ୍ୟ ନାହିଁ। ଏପରିକି ମେଡିକାଲରେ ଭର୍ତ୍ତି ହେବା ପରଠାରୁ କୌଣସି ପରିବାର ଲୋକେ କିମ୍ବା ସମ୍ପର୍କୀୟ ଏସ୍‌ସିବି ଆସିନାହାନ୍ତି। ଏଭଳି ସ୍ଥଳେ ଏସ୍‌ସିବି କର୍ତ୍ତୃପକ୍ଷ ଏ ବାବଦରେ ପୁରୀ ପ୍ରଶାସନକୁ ମଧ୍ୟ ଅବଗତ କରିଛନ୍ତି।

## ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନର ପ୍ରଶିକ୍ଷଣ ଶିବିର



**ଫୁଲନଖରା, ୩।୬(ସମିସ):** ଫୁଲନଖରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଗଠନ, ଓଡ଼ିଶା ତରଫରୁ ପ୍ରାଦେଶିକ ଆଚାର୍ଯ୍ୟ/ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରକୁ ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ, ପ୍ରାନ୍ତ ନିରୀକ୍ଷକ ପ୍ରଦୀପ ଦାଶ, ପ୍ରାନ୍ତ ବିସ୍ତାରକ ଶରତ ପରିଡ଼ା, ଜୀବନଜ୍ୟୋତି ଆଶ୍ରମର ପ୍ରତିଷ୍ଠାତା ଅନୀତା ସାହୁ ଓ ପଞ୍ଚବଟୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ ପୃଷ୍ଟି ଅତିଥି ଭାବରେ ଯୋଗଦେଇ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସଙ୍ଗୀତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସାଗରିକା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୧୧ଟି ବିଦ୍ୟାଳୟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆଚାର୍ଯ୍ୟ/ଆଚାର୍ଯ୍ୟା ଯୋଗଦେଇଥିବା ବେଳେ ସ୍ୱର୍ଣ୍ଣଲତା ମହାନ୍ତି, ଗିରିଜାବାଳା ମହାନ୍ତି, ଗୀତାଞ୍ଜଳି ସାହୁ, ମାମାଲି ଦାସ, ରୁନି ମହାରଣା, ଦେବେନ୍ଦ୍ର ବେହେରା, ସଂଯୁକ୍ତା ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ରଞ୍ଜିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆର୍ଥିକ ଶିକ୍ଷା ଓ ସଚେତନତା ଶିବିର






**ଫୁଲନଖରା, ୩।୬(ସମିସ):** ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠସ୍ଥିତ ସଭାଗୃହ ମଧ୍ୟରେ ଆର୍ଥିକ ଶିକ୍ଷା ଓ ସଚେତନତା ଶିବିର ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ସିଜିଏମ୍ ଦାଶରଥି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହଯୋଗ ଓ ଅଭ୍ୟୁତ୍ଥାନ ଫାଉଣ୍ଡେସନ୍ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କର ଅବସରପ୍ରାପ୍ତ ଏଜିଏମ୍ ଦେବରାଜ ମିଶ୍ର, ଇଣ୍ଡିଆନ୍ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କ୍ଷୀରୋଦ ଚନ୍ଦ୍ର ପାତ୍ର ଓ ଫୁଲନଖରା ଶାଖା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖା ପରିଚାଳିକା ସ୍ୱାତୀ ଯୋଗଦେଇ ବିଭିନ୍ନ ବ୍ୟାଙ୍କର ଅର୍ଥ ନିବେଶକାରୀ, ବିଭିନ୍ନ କିସମର ଋଣଗ୍ରହିତା, ବରିଷ୍ଠ ନାଗରିକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ବ୍ୟାଙ୍କ ଗୁଡିକ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧାସୁଯୋଗ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଜିର ବ୍ୟସ୍ତବହୁଳ ସମାଜରେ ବ୍ୟାଙ୍କ ଗ୍ରାହକମାନେ ବିତ୍ତୀୟ ଉତ୍ପାଦର ଜଟିଳତା, ଜାଲିଆତି ଓ ବିଭିନ୍ନ ଉପାୟରେ ଠକାମୀର ଶୀକାର ହେଉଥିବା ବିଷୟରେ ଆଲୋଚନା କରିଥିଲେ। ଜଣେ ଅର୍ଥନିବେଶକାରୀ ଜମାଖାତାରେ ନୋମିନୀ ଯାଞ୍ଚ କରିବା ପଦ୍ଧତି ଏବଂ ନୋମିନେସନ୍ ନ ଥିଲେ କି ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ସେ ବିଷୟରେ ଶ୍ରୀ ପାତ୍ର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଚଳଖାତକୁ କିପରି ସଚଳ କରାଯାଇପାରିବ ଏବଂ ଋଣୀଙ୍କୁ ଷ୍ଟକ୍ ଷ୍ଟେଟ୍‌ମେଣ୍ଟ ଦେବାକୁ ସଚେତନ କରାଯାଇଥିଲା। ଷ୍ଟକ୍ ଷ୍ଟେଟ୍‌ମେଣ୍ଟ ନ ଦେବା ଫଳରେ ବ୍ୟାଙ୍କ ଋଣୀମାନଙ୍କ ଠାରୁ ଦଣ୍ଡସୁଧ ଆଦାୟ କରାଯିବା ସହ ବେଳେବେଳେ ଟଙ୍କା ଉଠାଇବା ବାଧାପ୍ରାପ୍ତ ହୋଇଥାଏ ବୋଲି ଉପସ୍ଥିତ ଋଣଗ୍ରହୀତାଙ୍କୁ ସଚେତନ କରାଯାଇଥିଲା। ଏତଦ୍ ବ୍ୟତୀତ ବ୍ୟାଙ୍କ ଦ୍ୱାରା ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ଅଟଳ ପେନ୍‌ସନ୍ ଯୋଜନା ଗୁଡିକ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଅର୍ଥ ପ୍ରେରଣ ଓ ପ୍ରାପ୍ତିର ବିଭିନ୍ନ ଡିଜିଟାଲ ପଦ୍ଧତି ଗୁଡିକ ଯଥା ନ୍ୟାସନାଲ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫର (ଏନ୍‌ଇଏଫଟି), ରିଅଲ ଟାଇମ ଗ୍ରସ୍ ସେଟଲମେଣ୍ଟ (ଆରଟିଜିଏସ୍), ଇମିଡିଏଟ୍ ପେମେଣ୍ଟ ସର୍ଭିସ୍ (ଆଇଏମ୍‌ପିଏସ୍) ଓ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)ର ବିଭିନ୍ନ ସୁବିଧା ଜମାକାରୀମାନେ ପାଉଥିବା ବେଳେ କେତାଂଶରେ ଠକାମୀର ଶୀକାର ହେଉଥିବା ବିଷୟରେ ମଧ୍ୟ ସଚେତନ କରାଇଥିଲେ। ବିଶେଷତଃ ୟୁପିଆଇ ମାଧ୍ୟମରେ ଅତି ସୁବିଧାରେ ଭର୍ଚୁଆଲ୍ ମେମେଣ୍ଟ ଆସେସ୍ ବ୍ୟବହାର କରି ଯେକୌଣସି ସ୍ମାର୍ଟ ଫୋନ୍ ମାଧ୍ୟମରେ ତତ୍‌କ୍ଷଣାତ୍ ଅର୍ଥ ଟ୍ରାନ୍ସଫର କରିବା ସୁବିଧା ପାଉଥିଲେ ସୁଦ୍ଧା ବ୍ୟବହାରରେ ସାମାନ୍ୟ ଅସାବଧାନତା ଯୋଗୁଁ ବହୁତ ସମୟରେ ଜମାକାରୀମାନେ ଠକାମୀର ଶୀକାର ହେଉଥିବାର ଦେଖାଯାଉଛି। ଯଦି କୌଣସି ଜମାକାରୀ ଏଭଳି ଠକାମୀର ଶୀକାର ହୁଏ ତତ୍‌କ୍ଷଣାତ୍ ମେସେଜ୍ ବକ୍ସକୁ ଯାଇ ମେସେଜ୍‌ର ତଳେ ଆସିଥିବା ନମ୍ବରକୁ ତୁରନ୍ତ ମେସେଜ୍ କରିବା ଆବଶ୍ୟକ ନ ଚେତ୍ ୧୯୩୦କୁ ଫୋନ୍ ମାଧ୍ୟମରେ ଜଣାଇବା ନିହାତି ଜରୁରୀ ବୋଲି ଏଜିଏମ୍ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

**ଆଠଗଡ଼, ୩।୬(ସମିସ):** ଆଠଗଡ଼ ଥାନା ଅନ୍ତର୍ଗତ ଜାଗିଆପଡ଼ା ଗ୍ରାମର ଆକୁଳ ରାଉତଙ୍କ ପୁତ୍ର ନିରଞ୍ଜନ ରାଉତ(୪୩)ଙ୍କୁ କେହି ହତ୍ୟା କରିଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ନିରଞ୍ଜନ ରାଉତ ଏକ ଘରୋଇ କଲେଜରେ କାର୍ଯ୍ୟ କରୁଥିଲେ। ରବିବାର ସନ୍ଧ୍ୟା ୫ଟା ସମୟରେ ନିରଞ୍ଜନଙ୍କ ଜାଗିଆପଡ଼ା ଘରକୁ କଲେଜ ତରଫରୁ ନିରଞ୍ଜନ କୁଆଡେ ପଳାଇଯାଇଛି ବୋଲି ଫୋନ ଆସିଥିଲା। ସୋମବାର ସକାଳ ସମୟରେ ଆଠଗଡ଼ ଥାନା ଅନ୍ତର୍ଗତ ଗୋପୀବଲ୍ଲଭପୁର ସିଜୁ ମୁଣ୍ଡିଆ ନିକଟରେ ଏକ ଶବ ପଡ଼ିଥିବା ଲୋକଙ୍କ ଠାରୁ ଖବର ପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ସେଠାରେ ନିରଞ୍ଜନଙ୍କ ଶବ ଦେଖିଥିଲେ। ଘଟଣା ସମ୍ପର୍କରେ ଆକୁଳଙ୍କ ଭାଇ ଅରବିନ୍ଦ ଆଠଗଡ଼ ଥାନାରେ ଅଭିଯୋଗ ଆଧାରରେ ଆଠଗଡ଼ ଥାନା କେଶ ନମ୍ବର ୧୬୫/୨୪ ଅନୁସାରେ ଏକ ମାମଲା ରୁଜୁ କରି ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବ ନିକଟରୁ ଗୋଟିଏ ସ୍କୁଟି ଜବତ ହୋଇଛି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।




## କାହା ମୁଣ୍ଡରେ ସୁନା କଳସ ?

# ବାଜିରେ ଲାଗିଛି ୧୦୦ ପ୍ରାର୍ଥୀଙ୍କ ଭାଗ୍ୟ

**କଟକ, ୩।୬(ସମିସ)**

ଗଣତନ୍ତ୍ରର ଚଳିତ ମହାପର୍ବ ଶେଷ ହୋଇଥିବା ବେଳେ ମଙ୍ଗଳବାର ଭୋଟଗଣତି ହେବ। ୨୦୨୪ ନିର୍ବାଚନ ବିଭିନ୍ନ ଦୃଷ୍ଟିକୋଣରୁ ନିଆରା ହୋଇଥିବା ବେଳେ ଫଳାଫଳ ଉପରେ ସାରା ଦେଶର ନଜର କେନ୍ଦ୍ରୀଭୂତ ହୋଇଛି। କଟକ ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ଓ କଟକ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟଗଣତି ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ଭୋଟ ଗଣତି ପରେ ମୋଟ ୧୦୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି। କଟକ ଲୋକସଭା ଅନ୍ତର୍ଗତ ଜିଲ୍ଲାର ବଡମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର ଆଦି ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଓ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅଧୀନସ୍ଥ ମାହାଙ୍ଗା ଏବଂ ସାଲେପୁର ଓ ଜଗତସିଂହପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୯୦ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ଇଭିଏମ। ସେହିପରି କଟକ ଲୋକସଭା କ୍ଷେତ୍ର ପାଇଁ ୧୦ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କାହାର ଜିତାପଟ ହେଉଛି ତାହା ଦେଖିବାକୁ ବାକି ରହିଛି। ଏଥର ନିର୍ବାଚନରେ ଭାଗ୍ୟ ପରୀକ୍ଷା କରିଥିବା ମୋଟ ୯ ଜଣ ପୂର୍ବତନ ବିଧାୟକ ନଜରରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ କିଏ ବାଜିମାତ କରୁଛି ତାହା ଦେଖିବାକୁ ବାକି ରହିଛି। ସେହିପରି ୬ ଥରର ସାଂସଦ ହୋଇଥିବା ଭର୍ତ୍ତୃହରିଙ୍କ ସମ୍ମାନ ବି ବାଜିରେ ଲାଗିଛି। ଆଠଗଡ଼ ବିଧାନସଭା ଆସନରେ ପୂର୍ବରୁ ୭ଥର ବିଧାୟକ ହୋଇଥିବା ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଡମ୍ବାରୁ ୬ ଥର ବିଧାୟକ ହୋଇଥିବା ବିଜେଡିର ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ମୋଟ ୯ ଜଣ ପୂର୍ବତନ ବିଧାୟକ ସେମାନଙ୍କ ଭାଗ୍ୟ ପରୀକ୍ଷା କରିଛନ୍ତି। ପୂର୍ବତନ ବିଧାୟକ ମାନଙ୍କ ମଧ୍ୟରେ ବାଙ୍କୀରେ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକ, ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର କଟକରେ ବିଜେଡି ପ୍ରାର୍ଥୀ ସୌଭିକ ବିଶ୍ୱାଳ, ସାଲେପୁରରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରା, ବାରବାଟୀ-କଟକରେ ପ୍ରକାଶ ବେହେରା, ନିଆଳିରେ ଡା. ପ୍ରମୋଦ ମଲ୍ଲିକ ଓ କଟକ ସଦରରେ ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ରହିଛନ୍ତି।

**ଅଭିଜ୍ଞ ରଣେନ୍ଦ୍ର ଓ ଦେବୀଙ୍କ ସହ ୯ ପୂର୍ବତନ ବିଧାୟକ ନଜରରେ**

କଟକ ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର, ବିଜେପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ, କଂଗ୍ରେସ ପ୍ରାର୍ଥୀ ସୁରେଶ ମହାପାତ୍ରଙ୍କ ମଧ୍ୟରୁ ହାତୀ କାହା ମୁଣ୍ଡରେ ସୁନାକଳସ ଢାଳୁଛି ତାହା ସେନେଇ ଉତ୍କଣ୍ଠା ରହିଛି। ଏଥର ଚୌଦ୍ୱାର-କଟକ ନିର୍ବାଚନ ମଇଦାନରେ ଭାଗ୍ୟ ପରୀକ୍ଷା କରିଥିବା ପୂର୍ବତନ ବିଧାୟକ ରବି ମଲ୍ଲିକଙ୍କ ବୋହୂ କଂଗ୍ରେସ ପ୍ରାର୍ଥୀ ମୀରା ମଲ୍ଲିକ, ବିଜେପିର ନୟନ କିଶୋର ମହାନ୍ତି, ବାରବାଟୀ-କଟକରେ ପୂର୍ବତନ ପୂର୍ବତନ ବିଧାୟକ ମୋକିମଙ୍କ ଝିଅ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିରଦୋସ ଓ ବିଜେପି ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମାହାଙ୍ଗାରେ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ପୁତ୍ର ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ପ୍ରମୁଖଙ୍କ ମଧ୍ୟରେ କିଏ ବାଜି ମାରିବ ତାହା ମଙ୍ଗଳବାର ସ୍ପଷ୍ଟ ହେବ।

